# ଫୁଲର ମୂଲ



ପରଜାପତିଟି ଫୁଲରେ ବସି
ପଚାରିଲା ଦିନେ ଫୁଲକୁ ହସି -
'ସତକରି ଫୁଲ କହିବୁ ମୋତେ,
କାହିଁ, ସବୁ ଭଲ ପାଆନ୍ତି ତୋତେ ?'



ପବନରେ ଝୁଲି ଫୁଲଟି କହେ,
"ହସ, ବାସ ମୋର ଜଗତ ମୋହେ,
ଜାଣେ ମୁଁ, ଅଳପ ମୋର ଜୀବନ,
ହେଲେ ବି ଖୁସିରେ ବିତାଏ ଦିନ।

ଦେଉଥାଏ ଖାଲି, ପାଇବା ପାଇଁ
କାହାଠାରୁ କିଛି ଚାହେଁ ମୁଁ ନାହିଁ
କେ ଭଲ ପାଏ କି ଆଦର କରେ
ସେ କଥା କୁ କେବେ ମନେ ନ ଧରେ।





ଉଚ୍ଚନୀଚ, ଅବା ଆପଣା ପର
ସଭିଙ୍କ ପାଇଁ ମୋ ଏକା ବେଭାର,
ଡର-ଭୟ, ଦୁଃଖ ପଛକୁ ଠେଲି
ହସି ହସାଏ ମୁଁ ପବନେ ଝୁଲି।"

ହସି, ପ୍ରଜାପତି କହିଲା-ଫୁଲ !
ସେ ପାଇଁ ମୂଲ ତୋ ଅମୂଲ-ମୂଲ